## ସଂକ୍ଷେପରେ

### ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧରାକୋଟ, ୮।୨ (ଡି.ଏନ୍.ଏ): ଧରାକୋଟସ୍ଥିତ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଡିଓ ଡେନିସ ବେହେରା, ମୁଖ୍ୟବକ୍ତା ଭାବେ ଅଧକ୍ଷ ଅକ୍ଷୟ ପଟନାୟକ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରଦୀପ କୁମାର ହୋତା, ଉମାଚରଣ ପାଣିଗ୍ରାହୀ, ବୁଚି ରାଓ ଦୋରା ଓ ବିଦ୍ୟାଳୟ ସଭାପତି କୈବଲ୍ୟ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ସଭାପତିତ୍ୱ କରିଥିଲାବେଳେ ଶିକ୍ଷକ ବିଧୁଭୂଷଣ ରାଉତ ବିବରଣୀ ପାଠ ଓ ଶିକ୍ଷକ ସୁରେଶ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଷ୍ଟାଡିୟମରେ ଓପନ ଜିମ ନିର୍ମାଣ କାର୍ଯ୍ୟ ଆରମ୍ଭ

ଗଞ୍ଜାମ,୮।୨(ଡି.ଏନ.ଏ.)-ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ଓପନ ଜିମ ନିର୍ମାଣ କାର୍ଯ୍ୟ ବୁଧବାର ଆରମ୍ଭ ହୋଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ଉପସ୍ଥିତିରେ ସମସ୍ତ ଜିମ ଉପକରଣ ପୋତା ଯାଇଛି। ଏଠାରେ ଓପନ ଜିମ ନିର୍ମାଣ ନେଇ ଇଓ ମିଶ୍ରଙ୍କ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରଂଶସା କରିଛନ୍ତି। ଏହା ଦ୍ୱାରା ଷ୍ଟାଡିୟମକୁ ଆସୁଥିବା ଯୁବକ ଓ ଅଞ୍ଚଳବାସୀ ଏବେ ସ୍କୁଲ ପିଲାମାନେ ଜିମ ବ୍ୟବହାର କରିପାରିବେ। ଏନ୍ଏସି କର୍ମଚାରୀ ଚିନ୍ମୟ ପୃଷ୍ଟି, ଜୟ କୃଷ୍ଣ ଶାସମଲ ପ୍ରମୁଖ ଉପସ୍ଥିତ ଥିଲେ।

### ହନୁମାନ ବିଗ୍ରହ ପ୍ରତିଷ୍ଠାରେ ସାଲାର୍ଘ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୮।୨(ଡି.ଏନ.ଏ.): ତାପ, କ୍ଲିଷ୍ଟ, ଭୟାଦିରେ ଆତଙ୍କିତ ବିଶ୍ୱକଲ୍ୟାଣ ନିମିତ୍ତ କବିସୂର୍ଯ୍ୟନଗର ବ୍ଲକ ଜରଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାଲିଆମାପଲ୍ଲୀଠାରେ ନବନିର୍ମିତ ହନୁମାନ ବିଗ୍ରହ ପିଙ୍ଗଳ ଭୈରବୋକ୍ତ ବିଧାନରେ ସାଧିବାସ ପ୍ରତିଷ୍ଠା ସହ ପଞ୍ଚ ମହାଯଜ୍ଞ ପାଳିତ ହେବ। ବୁଧବାର ସାଲାର୍ଘ କାର୍ଯ୍ୟକ୍ରମ ରହିଥିଲା। ଏହି ଅବସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କର୍ତ୍ତା ଭାବେ ଭକ୍ତ ବାଲାଜୀ ପଣ୍ଡା ଓ ସହଧର୍ମିଣୀ ମିନତି କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୁରୋହିତ ଭାବେ ଜ୍ୟୋତିର୍ବିଦ ପଣ୍ଡିତ ନୀଳମାଧବ ତ୍ରିପାଠୀ ଶର୍ମାଙ୍କ ସହ ସହଯୋଗୀ ପୁରୋହିତ ପ୍ରତାପ ଚନ୍ଦ୍ର ପଣ୍ଡା, ମଙ୍ଗୁଲୁ ପଣ୍ଡା ଓ ବ୍ରହ୍ମା ପଣ୍ଡିତ ପିତାମ୍ବର ହୋତା କର୍ମପାଠ କାର୍ଯ୍ୟ ସମ୍ପାଦନ କରିଥିଲେ। ଆସନ୍ତା ୧୦ତାରିଖ ଶୁକ୍ରବାର ହନୁମାନ ଜୀଉଙ୍କ ନଗର ପରିକ୍ରମା ସହ ପୂର୍ଣ୍ଣାହୁତି ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ଦୈବୀକୃପା ଲାଭ କରିବା ହେବେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

### ସମାଜର ଉନ୍ନତି ଦିଗରେ କାର୍ଯ୍ୟକରିବ କୋଦଳା ୟୁଥ

ବେଗୁନିଆପଡ଼ା, ୮।୨: ସୁସ୍ଥ ସମାଜ ଗଠନ ଦିଗରେ ଯୁବଗୋଷ୍ଠୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯୁବଗୋଷ୍ଠୀ ଚାହିଁଲେ ସବୁ ପରିସ୍ଥିତିକୁ ସାମ୍ନା କରି ସମାଜର ଉନ୍ନତି ସାଧନ ଦିଗରେ କାର୍ଯ୍ୟ କରିପାରିବ। ଏଭଳି କିଛି ଉଦ୍ଦେଶ୍ୟ ନେଇ ବୁଧବାର ଗଠିତ ହୋଇଛି କୋଦଳା ୟୁଥ୍। ପୂର୍ବତନ ନଗରପାଳ ହରପ୍ରସାଦ ସାହୁଙ୍କ ଝିଅ ରଞ୍ଜିତା ସାହୁଙ୍କ ଆବାହକତ୍ୱରେ ଏହି ସଂଗଠନ ଗଠିତ ହୋଇଛି। ଗଞ୍ଜାମ ଜିଲା କୋଦଳା ଏନ୍ଏସିର ଶତାଧିକ ଯୁବକମାନଙ୍କୁ ନେଇ ଆନୁଷ୍ଠାନିକ ଭାବେ ଗଠିତ ହୋଇଛି କୋଦଳା ୟୁଥ୍। କୋଦଳାଠାରୁ କିଛି ଦୂରରେ ଥିବା ଜଗତାଘାଇ ପୀଠରେ ଶତାଧିକ ଯୁବକଙ୍କ ଉପସ୍ଥିତିରେ ଗଠିତ ହୋଇଥିବା ଏହି ଯୁବ ସଂଗଠନରେ କୋଦଳାର ପ୍ରତି ୱାର୍ଡରୁ ଯୁବକମାନେ ଏଥିରେ ସଦସ୍ୟ ଭାବେ ଯୋଗଦାନ କରିଛନ୍ତି ଏବଂ ଆଗାମୀ ଦିନରେ ଏହାର ସଦସ୍ୟ ସଂଖ୍ୟା ବଢ଼ିବ ବୋଲି କୁହାଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏନଏସି ଅଧକ୍ଷ ହରପ୍ରସାଦ ସାହୁ ଓ ସୁନୀତା ପ୍ରଭା ସାହୁ, ମୁଖ୍ୟବକ୍ତା ଭାବେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର, ସଭାପତି ବସନ୍ତ ସାହୁ ଯୋଗଦେଇ ଯୁବ ସମାଜର ଆଜିର ଦିନରେ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସରକାରୀ ଜାଗା ଜବରଦଖଲ ନେଇ କ୍ଷୋଭ

## ହିଞ୍ଜିଳିକାଟୁ ପୌରପରିଷଦ ବୈଠକ

ହିଞ୍ଜିଳିକାଟୁ ୮।୨(ଡିଏନଏ): ହିଞ୍ଜିଳିକାଟୁ ପୌରପରିଷଦର ଷଷ୍ଠ ସାଧାରଣ ବୈଠକ ବୁଧବାର ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୁବାସ ଚନ୍ଦ୍ର ପଲେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଓ ନୂତନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ସରକାରୀ ଜାଗା ଜବରଦଖଲ ଓ ସରକାରୀ ନିୟମ ଉଲ୍ଲଂଘନ କରି ପ୍ଲଟ ବେପାର ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ପୌର ପରିଷଦର ନିର୍ବାହୀ ଅଧିକାରୀ ତୁବୁଲି ଚରଣ ବେହେରାଙ୍କ ସଂଯୋଜନାରେ ଏହି ବୈଠକରେ ଉପାଧକ୍ଷା ସୁଚିତ୍ରା ପଣ୍ଡା ଓ ଅନ୍ୟ ୧୮ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଗତ ନଭେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ଆୟ ବ୍ୟୟର ମଞ୍ଜୁରୀ କରାଯାଇଥିଲା । ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ (ଦକ୍ଷିଣ) ତୁରନ୍ତ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱାରୋପ ହୋଇଥିଲା। ପରିବା ବଜାରରେ ଚାଷୀମାନଙ୍କ ଆଦାୟ ପରିବା ବିକ୍ରି ନିମନ୍ତେ ସ୍ଥାନ ନିରୂପଣ କରିବା ପାଇଁ ବହୁ ସଦସ୍ୟ ଦାବି ଉପସ୍ଥାପନ କରିଥିଲେ। ବିଭିନ୍ନ ୱାର୍ଡରେ ଚାଲିଥିବା ଉନ୍ନୟନ ପ୍ରକଳ୍ପ ଗୁଡ଼ିକ ତୁରନ୍ତ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପନ ଓ ପ୍ରକଳ୍ପ ଗୁଡ଼ିକର ଲୋକାର୍ପଣ ନିମନ୍ତେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ ଟେଣ୍ଡର ଆହ୍ୱାନ କରିବାକୁ ୱାର୍ଡ ସଭ୍ୟମାନେ ଦାବି କରିଥିଲେ। ସରକାରଙ୍କ ଜମି କିଣାବିକା ଓ ଜମିର କିସମ ପରିବର୍ତ୍ତନ ନିୟମ, ରେରା ନିୟମ ଇତ୍ୟାଦିକୁ ଉଲ୍ଲଂଘନ କରି ପୌରାଞ୍ଚଳ ମଧ୍ୟରେ ମାଫିଆମାନେ କାରବାର କରୁଥିବା କିଛି ସଭ୍ୟାସଭ୍ୟ ଅଭିଯୋଗ କରିଥିଲେ। ଏଥି ନିମନ୍ତେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ୱାର୍ଡ ନଂ ୧୯ ସଭ୍ୟ ବସନ୍ତ କୁମାର ବେହେରା ଚିହ୍ନଟ ହୋଇଥିବା ଅଙ୍ଗନୱାଡ଼ି ଓ ୱାର୍ଡ ଅଫିସ ଘର ନିମନ୍ତେ ସରକାରୀ ଜମିକୁ କିଛି ବ୍ୟକ୍ତି ବଳପୂର୍ବକ ଜବରଦଖଲ କରିବାକୁ ଚେଷ୍ଟା କରୁଥିବା ନେଇ ଅଭିଯୋଗ କରିଥିଲେ। ତୁରନ୍ତ ଉକ୍ତ ସରକାରୀ ସ୍ଥାନକୁ ତାରବାଡ଼ କରିବାକୁ ଆଲୋଚନା ହୋଇଥିଲା। ସହରର ସ୍ୱଚ୍ଛତା ସୁନ୍ଦର ଓ ସବୁଜ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ ବୋଲି ଅଧକ୍ଷ ପଲେଇ ପ୍ରକାଶ କରିଥିଲେ। ପୌରନିବାହୀ ଯନ୍ତ୍ରୀ ମୁକେଶ କୁମାର ପ୍ରଧାନ, ଯନ୍ତ୍ରୀ ମାନସ ରଞ୍ଜନ ଦାସ, ଦିଲ୍ଲୀପ କୁମାର ମିଶ୍ର ଓ ସମସ୍ତ ପୌରକର୍ମଚାରୀ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ଅଧକ୍ଷ ଓ ଅନ୍ୟମାନେ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ପାରଳାଖେମୁଣ୍ଡି, ୮।୨ (ଡି.ଏନ୍.ଏ): ଜଳ ସମ୍ପଦ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଜଳ ସମ୍ପଦ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଅଧକ୍ଷ ଗାଓରା ତିରୁପତି ରାଓ, ସ୍ୱତନ୍ତ୍ର ସଚିବ ବିଶ୍ୱଜିତ ବିଶାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୈଳାଶ ଚନ୍ଦ୍ର ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଗିରିଶ କୁମାର ମହାନ୍ତି, ଜଳଛାୟା ଏବଂ ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକ ଓ ଉପ ଉଦ୍ୟାନ ନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ ମଞ୍ଚାସୀନ ଥିଲେ। ଜିଲାରେ ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସହଭାଗୀ ଜଳସେଚନ ମାଧ୍ୟମରେ ତୃଣମୂଳସ୍ତରରେ ଜଳର ଉପଲବ୍ଧତାରେ ଗୁଣାତ୍ମକ ମାନ ବୃଦ୍ଧି ଆଦି ପରିପ୍ରେକ୍ଷୀରେ ଏହି ପାଣି ପଞ୍ଚାୟତ ପକ୍ଷପାଳନ କରାଯାଉଛି । ଜିଲାର ସମସ୍ତ ବ୍ଲକରେ ରଥ ବୁଲି ଜନସାଧାରଣଙ୍କୁ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ବାର୍ତ୍ତା ନେଇ ସଚେତନତା ରଥ ପରିକ୍ରମା କରିଥିଲା। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ୧୪୪ଟି ଏବଂ ଉଠା ଜଳସେଚନ ପ୍ରଭାଗ ଅଧୀନରେ ଥିବା ୪୧୪ଟି ପାଣିପଞ୍ଚାୟତର କାର୍ଯ୍ୟକାରୀ ହେଉଛି । ଏହି ଅବସରରେ ସମସ୍ତ ଅତିଥି ବୃନ୍ଦ ପାଣି ପଞ୍ଚାୟତର ଭୂମିକା ଓ ଏହାର ସୁପରିଚାଳନା ନିମନ୍ତେ ଉପସ୍ଥିତ ଥିବା ବିଭିନ୍ନ ପାଣି ପଞ୍ଚାୟତର କୃଷକମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ ବିଭାଗ ଯଥା ପ୍ରାଣୀ ଚିକିତ୍ସା, କୃଷି, ଉଦ୍ୟାନ, ଜଳଛାୟା, ମତ୍ସ୍ୟ ସମ୍ପଦ, ମିଶନଶକ୍ତି ତଥା ଜଳସମ୍ପଦ ବିଭାଗ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା ବିଭିନ୍ନ କାର୍ଯ୍ୟାନ୍ୱୟନର ମାର୍ଜିତ ରୂପରେଖ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡିଆ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଏବଂ ଓଡିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଶିବରାତ୍ରି ପ୍ରସ୍ତୁତି ନିରୀକ୍ଷଣ କଲେ ଜିଲାପାଳ, ଏସ୍‌ପି

ପାରଳାଖେମୁଣ୍ଡି, ୮।୨ (ଡି.ଏନ୍.ଏ): ଗଜପତି ଜିଲା ରାୟଗଡ ବ୍ଲକ ତଥା ଗାରବନ୍ଧ ଥାନା ଅନ୍ତର୍ଗତ ମହେନ୍ଦ୍ରଗିରିରେ ମହାଶିବରାତ୍ରି ଧୁମଧାମରେ ପାଳନ କରାଯିବ। ୧୭ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଜାଗର ଯାତ୍ରା ହେବ। ମହେନ୍ଦ୍ରଗିରିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜନସମାଗମ ହେବାର ଆଶା କରାଯାଉଛି। ଚଳିତ ଥର ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଭକ୍ତମାନେ ଯିବା ଆସିବା ରାସ୍ତାର ମରାମତି, ସୁଲଭ ଦରରେ ପ୍ରସାଦ ବିକ୍ରି ପାଇଁ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଆଲୋକୀକରଣ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା ଆଦି କରାଯାଉଛି । ଏଥିପାଇଁ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଏବଂ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର ମହେନ୍ଦ୍ରଗିରି ଗସ୍ତ କରି ସମସ୍ତ ପ୍ରସ୍ତୁତିର ନିରୀକ୍ଷଣ କରିଛନ୍ତି। ମୁଖ୍ୟକରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ଆରଡବ୍ଲୁଏସଏସ ଅଧିକାରୀଙ୍କୁ ତୁରନ୍ତ ସମସ୍ତ ବନ୍ଦବସ୍ତକୁ ଚୂଡାନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୨୪ଘଣ୍ଟା ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ କରି ପ୍ରବଳ ଜନସମାଗମ ଦୃଷ୍ଟିକୁ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ। ସେହିପରି ସମସ୍ତ ସୁବନ୍ଦୋବସ୍ତ ଲାଗି ରାୟଗଡ଼ ବିଡିଓ ରାଜା ରଞ୍ଜିତ ବଳଙ୍କୁ ଜିଲାପାଳ ପଣ୍ଡା ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଲୀଳାବତୀ ଆଚାରୀ, ଗାରବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଓ ଏସ୍‌ପି ଅନୁଧ୍ୟାନ କରୁଛନ୍ତି।

# ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ

କ.ନୂଆଗାଁ, ୮।୨

କ.ନୂଆଗାଁ ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କସ୍ତୁରବା)ରେ ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଚକ୍ରମଣି କହଁର ଯୋଗଦେଇ କସ୍ତୁରବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ନୂଆଗାଁ ବିଇଓ ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ବିଇଓ ମହେଶ୍ୱର ମାଝୀ, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ବ୍ଲକ ଉପାଧକ୍ଷ ଧବଳେଶ୍ୱର ପାତ୍ର, ଏବିଓ ଚୈତନ୍ୟ କହଁର ଯୋଗଦେଇ ପାଠପଢ଼ା ସହିତ ଛାତ୍ରୀଛାତ୍ରମାନେ ନାଚ,ଗୀତ,କ୍ରୀଡ଼ା ଆଦି କ୍ଷେତ୍ରରେ ସଫଳତା ହାସଲ କରିବା ଆବଶ୍ୟକ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଭାଷିନୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶିକ୍ଷକ ସଦାଶିବ ମାର୍ଥୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଜୟଦେବ ପୂଜାରୀ, କୁମାରୀ ପୁଷ୍ପା, ବିପ୍ଳବ କେଶରୀ ସାହୁ, ସୁରମା ଦାସ, ରାଜଶ୍ରୀ ଭୁକ୍ତା, ଲିପସ୍ମିତା ମହାପାତ୍ର, ରୁନୁକା ପ୍ରଧାନ, କାବେରୀ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



ଉତ୍ସବରେ ଉପସ୍ଥିତ ଅତିଥି।

ଫୁଲବାଣୀ ଅଫିସ, ୮।୨

ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ବରଡ଼ା ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବୁଧବାର ପାଳିତ ହୋଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ମାନ ଉଚ୍ଚ କରିବାକୁ ହେଲେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ସଚେତନ ହେବା ଆବଶ୍ୟକ। ଏଥିସହ ପରସ୍ପରର ସହଯୋଗ ନିହାତି ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରଦନ ମଲ୍ଲିକ, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଅବସରପ୍ରାପ୍ତ ଯୁଗ୍ମ ସଚିବ ଭାସ୍କର ପଟ୍ଟନାୟକ, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଚକାପାଦ ବ୍ଲକ ଅଧକ୍ଷା ବୈଦେହୀ କହଁର, ବିଡିଓ ଅନୀଲ କୁମାର ପଟ୍ଟନାୟକ, ଖଜୁରିପଡା ବ୍ଲକ ଅଧକ୍ଷା ଅନିମା କହଁର, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି କିଶୋର ଚନ୍ଦ୍ର କହଁର, ସରପଞ୍ଚ ସୁମତୀ କହଁର ପ୍ରମୁଖ ଯୋଗଦେଇ ଶିକ୍ଷା ହିଁ ଛାତ୍ରୀଛାତ୍ରଙ୍କ ବଡ ସମ୍ପଦ ବୋଲି କହିଥିଲେ । ପ୍ରଧାନଶିକ୍ଷକ ସୋମନାଥ ସାହାଣୀ ଏହି ଅବସରରେ ଖେଳପଡିଆର ଉନ୍ନତୀକରଣ କରି ଏହାକୁ ମିନି ଷ୍ଟାଡିୟମରେ ରୂପାନ୍ତରିକରଣ ପାଇଁ ମନ୍ତ୍ରୀ, ବିଧାୟକ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା।

# ଶିଶୁ ଅଧିକାର, ବାଲ୍ୟବିବାହ ପ୍ରତିରୋଧ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀ।

ଜି.ଉଦୟଗିରି,୮।୨(ଡି.ଏନ.ଏ.) ଅନ୍ତରଙ୍ଗ, ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ଓ ପ୍ରଦାତ୍ତାର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ଅଧିକାର ଓ ବାଲ୍ୟ ବିବାହ ପ୍ରତିରୋଧ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଏବିଇଓ ରଞ୍ଜନ କୁମାର ରାଉତରାୟ ଯୋଗଦେଇଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଳୟ କୁମାର ନାୟକ, ସେଣ୍ଟ ଭିନସେଣ୍ଟ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଅଧକ୍ଷ ନୀଳମାଧବ ପାତ୍ର, ବାଲ୍ୟବିବାହ ପ୍ରତିରୋଧ ମଞ୍ଚର ସମ୍ପାଦିକା ବିଷ୍ଣୁପ୍ରିୟା ପ୍ରଧାନ, ପ୍ରଦାତ୍ତା ଅନୁଷ୍ଠାନର ସାମାଜିକ କର୍ମୀ ସାମସନ ନାୟକ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସ, ସୁନୀତା ପ୍ରଧାନ, ସନ୍ଧ୍ୟାରାଣୀ ନାୟକ, ସାଗରିକା ସାହୁ ଓ ଶିକ୍ଷକ ରାଜକିଶୋର ଦାସ ଉପସ୍ଥିତ ଥିଲେ। ଅନ୍ତରଙ୍ଗ ଯୁବ ମହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ଅଲୋଚନାଚକ୍ରର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ୭ ତାରିଖଠାରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବେ ବୋଲିସୂଚନା ଦେଇଛନ୍ତି।

# କର୍ମଚାରୀଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମୀକ୍ଷା

ଗଞ୍ଜାମ,୮।୨(ଡି.ଏନ.ଏ.) ଗଞ୍ଜାମ ଏନଏସି କାର୍ଯ୍ୟାଳୟରେ ଏନ୍ଏସି ଇଓ ଅବିନାଶ ମିଶ୍ର ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି। ଟିକସ ଆଦାୟ, ଭେଣ୍ଡିଂ ଜୋନ, ସହରରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଜୟଶ୍ରୀ ଛକଠାରେ ନିର୍ମାଣ ହେଉଥିବା ସେଲ୍ଟିପଏଣ୍ଟ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ। ସମୀକ୍ଷା ବେଳେ ଜେଇ ମାନସ ରଞ୍ଜନ ପଣ୍ଡା, ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, ଜଗତ ଜ୍ୟୋତି ସାମଲ, ଚିନ୍ମୟ ପୃଷ୍ଟି, ସିଓ ସ୍ୱପ୍ନାରାଣୀ ମହାପାତ୍ର, ସିଏମ୍ଏମ୍ ଭାଗ୍ୟଶ୍ରୀ ନାୟକ, ମହିଳା କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାବତ ଉପସ୍ଥିତ ଥିଲେ।

# ଘାଟିରେ ଟ୍ରକ ଅଟକାଇ ଡ୍ରାଇଭର, ଶିକ୍ଷକଙ୍କୁ ମାଡ଼ ଟଙ୍କା, ମୋବାଇଲ ଲୁଟ୍

ବାଲିଗୁଡା, ୮।୨(ଡି.ଏନ.ଏ.): ବାଲିଗୁଡ଼ା ଥାନା ଅନ୍ତର୍ଗତ ପରମପାଙ୍ଗା ଘାଟିରେ କେତେକ ଦୁର୍ବୃତ୍ତ ବୁଧବାର ସନ୍ଧ୍ୟାରେ ୫୯ନଂ. ଜାତୀୟ ରାଜପଥରେ କାଠଗଣ୍ଡି ପକାଇ ଏକ ଟ୍ରକକୁ ଅଟକାଇଥିଲେ। ଡ୍ରାଇଭର ଓ ସେଥିରେ ବସିଥିବା ଜଣେ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ କୌଣସି ଯାତ୍ରୀବାହୀ ବସ୍ ନ ଆସିବାରୁ ପରମପାଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଧାନ ଚନ୍ଦ୍ର ଜେନା ଏକ ଟ୍ରକରେ ସ୍କୁଲରୁ ଫେରୁଥିଲେ। ଘାଟି ନିକଟରେ କେତେକ ଦୁର୍ବୃତ୍ତ ଟ୍ରକକୁ ଅଟକାଇ ଡ୍ରାଇଭର ଓ ଶିକ୍ଷକଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହ ଶିକ୍ଷକଙ୍କ ଠାରୁ ୧୪ ହଜାର ୯୮୦ ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ଡ୍ରାଇଭର ଶ୍ରୀଧର ମହାପାତ୍ରଙ୍କୁ ମଧ୍ୟ ମାଡ଼ ମାରି ୧୧ ହଜାର ୮୦୦ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଶିକ୍ଷକ ଜଣକ ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ଶିକ୍ଷକ ଓ ଡ୍ରାଇଭର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଟ୍ରକଟି ଇଟା ନିର୍ମାଣ ପାଇଁ ପାଉଁଶ ଗୁଣ୍ଡ ଧରି ଲାଞ୍ଜିଗଡ ଠାରୁ ଜି.ଉଦୟଗିରି ଆସୁଥିବା ବେଳେ ଏହି ଘଟଣା ଘଟିଛି। ଉକ୍ତ ଟ୍ରକଟି ଭଞ୍ଜନଗର ନିକଟସ୍ଥ କ୍ଷତ୍ରୀୟ ବରପୁର ବଡ଼ କୋଦଣ୍ଡା ଗ୍ରାମର ସନ୍ତୋଷ କୁମାର ଲେଙ୍କାଙ୍କ ଟ୍ରକ ବୋଲି ଜଣାପଡ଼ିଛି।

# ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ସ୍କୁଲରେ ବିସ୍ଫୋରଣ ଘଟଣା

■ ଜୋସଙ୍କ ଚିକିତ୍ସାରେ ଅର୍ଥ ବାଧକ

ଫୁଲବାଣୀ ଅଫିସ, ୮।୨

ବାଲିଗୁଡା ବ୍ଲକ ରତୁଙ୍ଗିଆ ପଞ୍ଚାୟତର ଏକ ଇଂଲଶ ମିଡ଼ିୟମ ସ୍କୁଲରେ ବିସ୍ଫୋରଣ ହେବା ଘଟଣାର ତଦନ୍ତ ବେଳେ ପୋଲିସ ଡିଟୋନେଟର ପାଇଛି। ଏ ସବୁ ଡିଟୋନେଟର ରାସ୍ତା କାମ କରୁଥିବା ଠିକା ସଂସ୍ଥା ଆରକେଡିର ବୋଲି ଜଣାପଡିଛି । ପୋଲିସ ଏହି ସଂସ୍ଥାର କାର୍ଯ୍ୟକର୍ତ୍ତାଙ୍କୁ ଥାନାରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ପର୍ଯ୍ୟନ୍ତ କେହି ପହଞ୍ଚିନାହାନ୍ତି। ଘଟଣାକୁ ନେଇ ଜନସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଠିକା ସଂସ୍ଥା ବିରୋଧରେ ଏ ଯାଏ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଜିଲା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଚନ୍ଦ୍ରଶେଖର ପରିଡା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ବିସ୍ଫୋରଣ ଯୋଗୁ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସା ହେଉଥିବା ଜୋସ ନାୟକଙ୍କ ପାଇଁ ଅର୍ଥ ବାଧକ ସାଜିଛି। ପ୍ରଶାସନ କି ଠିକା ସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

ଠିକା ସଂସ୍ଥା ଯେଉଁଠି କ୍ୟାମ୍ପ ପକାଇଥିଲା ସେଠାରେ ସ୍କୁଲ ରହିଛି । ଡିଟୋନେଟର ଭଳି ବିସ୍ଫୋରକ ବ୍ୟବହାର ଲାଗି ନିର୍ଦ୍ଦିଷ୍ଟ ନିୟମ ରହିଥିଲେ ମଧ୍ୟ ସଂସ୍ଥା ବେପରୁଆ ଭାବେ କିଭଳି ବିସ୍ଫୋରକ ସାମଗ୍ରୀ ଛାଡି ଯାଇଥିଲା ତାହା ତଦନ୍ତର ବିଷୟ । ସ୍କୁଲ ଛାତ୍ର ଜୋସ ନାୟକଙ୍କ ଡାହାଣ ହାତ ବିସ୍ଫୋରଣରେ ନଷ୍ଟ ହୋଇଛି । ତାହାକୁ ମେଡିକାଲରେ କାଟି ଦିଆଯାଇଛି । ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ପଡୁଛି । ହେଲେ ଠିକା ସଂସ୍ଥା ଏ ପର୍ଯ୍ୟନ୍ତ କୌଣସି ପ୍ରକାରେ ସହାୟତା କରିନାହିଁ କି ପ୍ରଶାସନ ପକ୍ଷରୁ କିଛି ସହାୟତା ଦିଆଯାଇନାହିଁ । ପୋଲିସ କାହିଁକି ଚୁପ୍ ବସିଛି ବୋଲି ପିସିସି ସଦସ୍ୟ ଚନ୍ଦ୍ରଶେଖର ପରିଡା ପ୍ରକାଶ କରିଛନ୍ତି।

ସେହିପରି ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ(ଏବିଭିପି) ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି । କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜୋସଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ ଏବଂ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ସରକାର କଡା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଏବିଭିପି ପକ୍ଷରୁ ଦାବି ହୋଇଛି। ଏବିଭିପି ଜିଲା ପ୍ରମୁଖ ଶିବାଶିଷ ପଣ୍ଡା ଜୋସଙ୍କ ଚିକିତ୍ସା ଖର୍ଚ୍ଚ ନିମନ୍ତେ ୧୦ ହଜାର ଟଙ୍କା ଦେଇଥିବା କହିଛନ୍ତି । ଏ ନେଇ ବାଲିଗୁଡା ଥାନାଧିକାରୀ ବାବାଶଙ୍କର ସରାଫଙ୍କୁ ପଚାରିବାରେ ସେ କହିଛନ୍ତି, ସ୍କୁଲ ଚାଲିଥିବା ପାଖ ଗଦ୍ରିଙ୍ଗିଆରେ ଠିକା ସଂସ୍ଥା ଆରକେଡିର କ୍ୟାମ୍ପ ରହିଥିଲା । ସେଠାରେ କ୍ରଶର କାମରେ ଯିଏ ଡିଟୋନେଟର ବ୍ୟବହାର ଦାୟିତ୍ୱରେ ଥିଲେ ତାଙ୍କୁ ଥାନାରେ ହାଜର ହେବାକୁ ଅବଗତ କରାଯାଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଗତ ୧ ତାରିଖରେ ସ୍କୁଲକୁ ପିଲାମାନେ ପଢ଼ିବାକୁ ଯାଇଥିଲେ। ରିକ୍ରେସନରେ ଜୋସ ନାୟକ କେଉଁଠୁ ଗୋଟେ ବିସ୍ଫୋରକ ଆଣି ସାଥି ପିଲାମାନଙ୍କୁ ଦେଖାଇଥିଲେ । ହଠାତ୍ ଏହା ବିସ୍ଫୋରଣ ହେବାରୁ ଛାତ୍ରଙ୍କ ସମେତ ଆଉ ଦୁଇ ଜଣ ଗୁରୁତର ହୋଇଥିଲେ ।

# କ୍ଷତିଗ୍ରସ୍ତ ଜମାକାରୀଙ୍କ ସତ୍ୟାଗ୍ରହ

ଛତ୍ରପୁର,୮।୨(ଡି.ଏନ୍.ଏ.) ବିଭିନ୍ନ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀଙ୍କ ଜମା ଧନରାଶି ତୁରନ୍ତ ଫେରସ୍ତ ଦାବି ନେଇ ଗଞ୍ଜାମ ଜିଲାପାଳଙ୍କ ଅଫିସ ଆଗରେ ଗଣ ସତ୍ୟାଗ୍ରହ ଆରମ୍ଭ ହୋଇଛି। ଜମାକାରୀମାନେ ଛତ୍ରପୁର ଉପରବସଷ୍ଟାଣ୍ଡ ଛକ ନିକଟରୁ ରାଲିରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସଂସ୍ଥା ଗୁଡିକ ଜମାକାରୀଙ୍କୁ ଲୋଭନୀୟ ସ୍କିମ ଦେଖାଇ ପ୍ରଲୋଭିତ କରି ଜମାରାଶି ନେଇ ଟଙ୍କା ଫେରସ୍ତ ଦେଇନାହାନ୍ତି। ଜମା ହୋଇଥିବା ରାଶି ଉପରେ ସୁଧ ହାର ଯୋଡି ଟଙ୍କା ଫେରାଇବା ଦାବିରେ ଜମାକାରୀ ଗଣ ସତ୍ୟାଗ୍ରହ କରିଛନ୍ତି ।


ସତ୍ୟାଗ୍ରହ

## ୨୦ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ

**ବ୍ରହ୍ମପୁର ଅଫିସ:** ଅବକାରୀ ଗୋଇନ୍ଦା ଟିମ୍ ବୁଧବାର ସନ୍ଧ୍ୟାରେ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ନିକଟରୁ ଗଞ୍ଜେଇ ଜବତ କରିଛି। ଦୁଇ ଜଣ ଗଞ୍ଜେଇ ଚାଲାଣ କାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୦ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବିହାର ଗୟା ଗ୍ରାମର କ୍ରିଷ୍ଣା ପ୍ରଜାପତି ଓ କୌଶିଲ। ଲାଞ୍ଜିପଲ୍ଲୀ ଜାତୀୟ ରାଜପଥରେ ଦୁଇଜଣ ଯୁବକ ସନ୍ଦେହ ଜନକ ଅବସ୍ଥାରେ ଠିଆ ହୋଇଥିବା ବେଳେ ଟିମ୍ ତାଙ୍କୁ ଧରି ପଚରାଉଚରା କରିଥିଲା। ପରେ ସେମାନଙ୍କ ନିକଟରୁ ଉକ୍ତ ଗଞ୍ଜେଇ ଜବତ କରିଥିଲା ବୋଲି ସୂଚନା ଦେଇଛି।

# ୨୩ବର୍ଷ ଧରି ବିଜେଡି ଗଡ଼ ପାଲଟିଛି ୭ ନିର୍ବାଚନ ମଣ୍ଡଳୀ

■ ୨୦୦୦ରୁ ୨୦୧୯ ମଧ୍ୟରେ ୫ ବିଧାନସଭା ନିର୍ବାଚନ

■ ୬ ବିଧାନସଭା କ୍ଷେତ୍ରରେ ରାଜନୀତି ବଦଳିଛି

ବ୍ରହ୍ମପୁର ଅଫିସ,୮।୨

ଆଞ୍ଚଳିକ ରାଜନୈତିକ ଦଳ ବିଜେଡି ଗଠନର ୨୫ ବର୍ଷ ମଧ୍ୟରେ ରାଜ୍ୟରେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଛି ୫ ବିଧାନସଭା ନିର୍ବାଚନ। ଗଞ୍ଜାମର ୧୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ହିଞ୍ଜିଳି, ଭଞ୍ଜନଗର, ପୂର୍ବର ମୋହନା (ବର୍ତ୍ତମାନର ଦିଗପହଣ୍ଡି), ଖଲ୍ଲିକୋଟ, ଚିକିଟି, ବ୍ରହ୍ମପୁର ଏବଂ ପୂର୍ବର କୋଦଳା (ବର୍ତ୍ତମାନର ପୋଲସରା) ଏହି ୭ ବିଧାନସଭା କ୍ଷେତ୍ର ୨୩ବର୍ଷ ଧରି ବିଜେଡି ଗଡ଼ ପାଲଟିବା ସହିତ ଦଖଲରେ ରହିଛି। ଅପରପକ୍ଷରେ ଛତ୍ରପୁର, ସୋରଡ଼ା, ଆସିକା, ଗୋପାଳପୁର, କବିସୂର୍ଯ୍ୟନଗର ଓ ସାନଖେମୁଣ୍ଡିରେ ବିଭିନ୍ନ ନିର୍ବାଚନରେ ରାଜନୈତିକ ସ୍ଥିତି ପରିବର୍ତ୍ତନ ହୋଇଥିବା ତଥ୍ୟ ରହିଛି। ହିଞ୍ଜିଳିରୁ ବିଜେଡି ପ୍ରାର୍ଥୀ ଭାବେ ନବୀନ ପଟ୍ଟନାୟକ ଲଗାତର ୫ ଥର ଜିତିବା ସହ ପଞ୍ଚମ ପାଳି ମୁଖ୍ୟମନ୍ତ୍ରୀ ହୋଇ ଜାତୀୟ ରାଜନୀତିରେ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ ବିକ୍ରମ କେଶରୀ ଆରୁଖ ମଧ୍ୟ ୨୦୦୦ରୁ ୨୦୧୯ ମଧ୍ୟରେ ବିଜେଡିରୁ ୫ଥର ନିର୍ବାଚିତ ହୋଇ ମନ୍ତ୍ରୀ ଓ ବାଚସ୍ପତି ପଦ ପାଇଛନ୍ତି। ୧୯୯୫ ନିର୍ବାଚନରେ ସେ ପ୍ରଥମେ ଜନତା ଦଳରୁ ବିଧାୟକ ହୋଇଥିଲେ। ସେହିପରି ସୂର୍ଯ୍ୟ ନାରାୟଣ ପାତ୍ର ପୂର୍ବ ମୋହନା ଓ ବର୍ତ୍ତମାନର ଦିଗପହଣ୍ଡି କ୍ଷେତ୍ରରୁ ୨୦୦୦ରୁ ୨୦୧୯ ମଧ୍ୟରେ ୫ ଥର ବିଜେଡିରୁ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସେ ମୋହନାରୁ ୨ ଥର ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ସେ ଏକାଧିକ ଥର ମନ୍ତ୍ରୀ ଓ ଶେଷରେ ବାଚସ୍ପତି ହୋଇଥିଲେ।

ଅପରପକ୍ଷରେ ଖଲ୍ଲିକୋଟ ଆସନରୁ ୨୦୦୦ରୁ ୨୦୦୪ ମଧ୍ୟରେ ୨ ଥର ସୁଞ୍ଜାନ ଦେଓ, ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡିରୁ ପୂର୍ଣ୍ଣଚନ୍ଦ୍ର ସେଠୀ ୨ ଥର ଏବଂ ୨୦୧୯ ନିର୍ବାଚନରେ ସୂର୍ଯ୍ୟମଣି ବୈଦ୍ୟ ବିଜେଡିରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ତେଣୁ ବିଜେଡି ଗଠନଠାରୁ ଏଯାବତ୍ ସେହି ଆସନ ବିଜେଡି ଦଖଲରେ ଅଛି। ସେହିପରି ଚିକିଟିରୁ ଉଷା ଦେବୀ ୨୦୦୦ରୁ ୨୦୧୯ ନିର୍ବାଚନରେ ବିଜେଡିରୁ ଲଗାତର ଭାବେ ୫ ଥର ଜିତିଛନ୍ତି। ସେ ମଧ୍ୟ ଏକାଧିକ ଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇ ରେକର୍ଡ କରିଛନ୍ତି। ଜିଲାର କୋଦଳା ନିର୍ବାଚନ ମଣ୍ଡଳୀ ଉଚ୍ଛେଦ ହୋଇ ପୋଲସରା ନାମରେ ନାମିତ ହୋଇଛି। ୨୦୦୦ ନିର୍ବାଚନରେ ବିଜେଡିରୁ ରାମକୃଷ୍ଣ ପଟ୍ଟନାୟକ ଜିତିଥିଲେ। ୨୦୦୪ ଓ ୨୦୦୯ରେ ପୋଲସରାରୁ ନିରଞ୍ଜନ ପ୍ରଧାନ ଏବଂ ୨୦୧୪ ଓ ୨୦୧୯ ନିର୍ବାଚନରେ ଶ୍ରୀକାନ୍ତ ସାହୁ ବିଜେଡି ବିଧାୟକ ହୋଇଛନ୍ତି। ଶ୍ରୀକାନ୍ତ ଏବେ ଶ୍ରମମନ୍ତ୍ରୀ ହୋଇଛନ୍ତି। ବ୍ରହ୍ମପୁର ଆସନରୁ ୨୦୦୦ରୁ ୨୦୧୪ ମଧ୍ୟରେ ବିଜେଡିରୁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏବଂ ୨୦୧୯ ନିର୍ବାଚନରେ ବିକ୍ରମ କୁମାର ପଣ୍ଡା ବିଜେଡି ବିଧାୟକ ହୋଇଛନ୍ତି । ତେଣୁ ଏହି ଆସନ ଶାସକ ଦଳ ଅକ୍ତିଆରରେ ରହିଛି।

ବିଜେଡି ଓ ଭାଜପା ମେଣ୍ଟ ଥିବାବେଳେ ଛତ୍ରପୁରରୁ ୨୦୦୦ ନିର୍ବାଚନରେ ରାମଚନ୍ଦ୍ର ପଣ୍ଡା ଭାଜପାରୁ ଏବଂ ସୋରଡ଼ାରୁ ୨୦୦୪ ନିର୍ବାଚନରେ ଭାଜପାରୁ ଧରାକୋଟ ରାଜା କିଶୋର ଚନ୍ଦ୍ର ସିଂଦେଓ ଜିତିଥିଲେ। ମେଣ୍ଟ ଭାଙ୍ଗିବାରୁ ୨୦୦୯ରୁ ୨୦୧୯ ମଧ୍ୟରେ ବିଜେଡିରୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିଧାୟକ ହୋଇଛନ୍ତି। ସେହିପରି ଛତ୍ରପୁରରୁ ୨୦୦୪ରେ ସିପିଆଇରୁ ନାରାୟଣ ରେଡ୍ଡୀ ଓ ୨୦୦୯ ନିର୍ବାଚନରେ ସିପିଆଇରୁ ଆଦିକନ୍ଦ ସେଠୀ ନିର୍ବାଚିତ ହୋଇଥିଲେ। ୨୦୧୪ରେ ପ୍ରିୟାଂଶୁ ପ୍ରଧାନ ଓ ୨୦୧୯ ନିର୍ବାଚନରେ ସୁବାସ ଚନ୍ଦ୍ର ବେହେରା ବିଜେଡିରୁ ବିଧାୟକ ହୋଇଛନ୍ତି। ଆସିକା ଆସନରୁ ୨୦୦୦ରେ ଦେବରାଜ ମହାନ୍ତି, ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ସରୋଜ ପାଢ଼ୀ ଜିତିଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ ପୁଣି ବିଜେଡିରୁ ଦେବରାଜ ମହାନ୍ତି ନିର୍ବାଚିତ ହେବା ପରେ ୨୦୧୯ ନିର୍ବାଚନରେ ବିଜେଡିରୁ ମଞ୍ଜୁଳା ସ୍ୱାଇଁ ବିଧାୟିକା ହୋଇଛନ୍ତି। ଗୋପାଳପୁର ଆସନରୁ ୨୦୦୦ ନିର୍ବାଚନରେ ବିଜେଡିରୁ ରାମଚନ୍ଦ୍ର ସେଠୀ ଜିତିଥିବା ବେଳେ ୨୦୦୪ରେ କଂଗ୍ରେସରୁ ତ୍ରିନାଥ ବେହେରା ନିର୍ବାଚିତ ହୋଇଥିଲେ। ୨୦୦୯ରୁ ୨୦୧୯ ମଧ୍ୟରେ ଲଗାତର ଭାବେ ପ୍ରଦୀପ ପାଣିଗ୍ରାହୀ ବିଜେଡି ବିଧାୟକ ହୋଇଥିଲେ। ଏବେ ସେ ଦଳରୁ ବହିଷ୍କୃତ ହୋଇଛନ୍ତି। ସେହିପରି କବିସୂର୍ଯ୍ୟନଗର ଆସନରୁ ୨୦୦୦ ନିର୍ବାଚନରେ ସିପିଆଇରୁ ନିତ୍ୟାନନ୍ଦ ପ୍ରଧାନ, ୨୦୦୪ରେ ଲଡୁ କିଶୋର ସ୍ୱାଇଁ ବିଜେଡିରୁ ଜିତିଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡିରୁ ସୁଞ୍ଜାନ ଦେଓ ଏବଂ ୨୦୧୯ ନିର୍ବାଚନରେ ଲତିକା ପ୍ରଧାନ ବିଜେଡିରୁ ନିର୍ବାଚିତ ହୋଇଛନ୍ତି। ଧରାକୋଟ ଓ ସାନଖେମୁଣ୍ଡି ବ୍ଲକକୁ ନେଇ ନୂଆ ନିର୍ବାଚନ ମଣ୍ଡଳୀ ସାନଖେମୁଣ୍ଡି ହେବା ପରେ ୨୦୦୯ ନିର୍ବାଚନରେ କଂଗ୍ରେସରୁ ରମେଶ ଜେନା ଓ ୨୦୧୪ ନିର୍ବାଚନରେ ବିଜେଡିରୁ ନନ୍ଦିନୀ ଦେବୀ ଏବଂ ୨୦୧୯ ନିର୍ବାଚନରେ ପୁଣି କଂଗ୍ରେସରୁ ରମେଶ ଜେନା ବିଧାୟକ ହୋଇଛନ୍ତି। ତେଣୁ ଉପରୋକ୍ତ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ବିଭିନ୍ନ ସମୟରେ ରାଜନୀତି ବଦଳିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ରାଜା



@ ନରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ସଫ୍ଟୱେର ଇଞ୍ଜିନିୟର ଆତ୍ମହତ୍ୟା ଘଟଣା

## ସ୍ୱାମୀ, ଶ୍ୱଶୁର ଘର ଲୋକଙ୍କୁ ନୋଟିସ



ଶୁଚିସ୍ମିତା ନାୟକ

**ବ୍ରହ୍ମପୁର ଅଫିସ,୮।୨:** ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ମିନାକ୍ଷୀନଗରରେ ରହୁଥିବା ଜଣେ ମହିଳା ସଫ୍ଟୱେର ଇଞ୍ଜିନିୟର ବେକରେ ଚୁନରି ଲଗାଇ ମଙ୍ଗଳବାର ଆତ୍ମହତ୍ୟା କରିଥିଲେ। ଯୌତୁକ ନିର୍ଯାତନା ଅସହ୍ୟ ହେବାରୁ ଶୁଚିସ୍ମିତା ନାୟକ ଓରଫ କରିସ୍ମା ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୩୨/୨୩ରେ ଯୌତୁକଜନିତ ମାମଲା ରୁଜୁ କରିଛି। ମୃତ ମହିଳାଙ୍କ ମୋବାଇଲ ଓ ଲାପ୍‌ଟପ୍ ପୋଲିସ ଜବତ କରିଛି। ମୃତ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କୁ ପୋଲିସ ନୋଟିସ କରିବ ବୋଲି ତଦନ୍ତକାରୀ ଅଧିକାରୀ ଜୟନାଥ ପ୍ରଧାନ ସୂଚନା ଦେଇଛନ୍ତି। ଶୁଚିସ୍ମିତା ଆତ୍ମହତ୍ୟା ବେଳେ ବ୍ୟବହାର କରିଥିବା ଚୁନରି, ଡ୍ରେସ ଆଦି ପରୀକ୍ଷା ପାଇଁ ଆରଏଫ୍ଏସ୍ଏଲକୁ ପଠାଯାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ଜବତ ମୋବାଇଲ ଓ ଲାପଟପରୁ ସୁରାକ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ନିୟମିତ ଆସୁନି ଆବର୍ଜନା ସଂଗ୍ରହ ଗାଡ଼ି

■ ଲୋକଙ୍କ ଘରେ ପଡ଼ିରହୁଛି ଆବର୍ଜନା

■ କମ୍ ସଂଖ୍ୟକ ଭ୍ୟାନ ଯୋଗୁ ହେଉଛି ଅସୁବିଧା

ବ୍ରହ୍ମପୁର ଅଫିସ,୮।୨

ସ୍ୱଚ୍ଛତା ଯେଉଁଠି ପ୍ରଗତି ସେଇଠି। ଏଭଳି ବାର୍ତ୍ତା ନେଇ ପ୍ରତିଦିନ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ସାନିଟେଶନ ବିଭାଗ ପକ୍ଷରୁ ବ୍ରହ୍ମପୁର ସହରର ପ୍ରତି ସାହିର ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରିଥାଏ। ଏଭଳି ଭାବେ ୪୨ଟି ୱାର୍ଡ ନିମନ୍ତେ ୫୩ ଗାଡ଼ିରେ ଆବର୍ଜନା ସଂଗ୍ରହ କରାଯାଉଛି। ଏହାକୁ ୪ଟି ସ୍ଥାନ ଯଥା ନୂଆ ବସ୍‌ଷ୍ଟାଣ୍ଡ, ଧାନମେରା ସାହି ରୋଡ, ଆମ୍ବ ମାର୍କେଟ ରୋଡ ଓ ଗୋଷାଣୀନୂଆଗାଁଠାରେ ପକାଇଥାନ୍ତି।

କିନ୍ତୁ ଠିକ୍ ସମୟରେ ଏହି ଆବର୍ଜନା ସଂଗ୍ରହ ଭ୍ୟାନ ଆଙ୍କୁଲି ଓ ଶିଳ୍ପାଞ୍ଚଳକୁ ୩ରୁ ୪ ଦିନରେ ଥରେ ଗାଡି ଆସୁଛି। ଫଳରେ ଲୋକଙ୍କ ଘରେ ଅଳିଆ ଜମା ହୋଇ ରହୁଛି।

ସୂଚନାଯୋଗ୍ୟ, ବିଏମ୍‌ସି ପକ୍ଷରୁ ୨୦୧୮ରେ ପ୍ରଥମେ ୪୦ଟି ଭ୍ୟାନକୁ ନେଇ ଘର ପାଖରୁ ଆବର୍ଜନା ସଂଗ୍ରହ ହୋଇଥିଲା। ଏହାପରେ ୱାର୍ଡ ସଂଖ୍ୟା ୪୨କୁ ବୃଦ୍ଧି ହେବା ପରେ ଭ୍ୟାନ କମ୍ ଥିବାରୁ ପ୍ରତିଦିନ ସମସ୍ତ ସାହିକୁ ଯାଇ ଆବର୍ଜନା ସଂଗ୍ରହ ନେଇ ସମସ୍ୟା ଦେଖାଦେଇଥିଲା। ଯାହାକୁ ନେଇ ଚଳିତ କାଉନସିଲ ବୈଠକରେ କର୍ପୋରେଟରମାନେ ଗାଡ଼ି ସଂଖ୍ୟା ବୃଦ୍ଧି ପାଇଁ ଦାବି କରିଥିଲେ। ଫଳରେ ଏହାର ସଂଖ୍ୟା ୪୦ରୁ ୫୩କୁ ବୃଦ୍ଧି ପାଇଛି। ଏଥିମଧ୍ୟରୁ ପ୍ରତ୍ୟୁଷ ନାମକ ଘରୋଇ ସଂସ୍ଥା ପକ୍ଷରୁ ୩୮ଟି ଓ ସଫେଇ ସଂସ୍ଥା ପକ୍ଷରୁ ୧୫ଟି ଗାଡ଼ି ରହିଛି। ଏଥିମଧ୍ୟରୁ ୪୦ଟି ଗାଡ଼ିରେ ଜିପିଏସ୍ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ଦ୍ୱାରା ଆବର୍ଜନା ସଂଗ୍ରହ ଗାଡ଼ି ପଏଣ୍ଟରୁ ଠିକ୍ ସମୟରେ ବାହାରୁଛି କି ନାହିଁ ସେ ବିଷୟରେ ସାନିଟେଶନ ବିଭାଗ ନିକଟରେ ତଥ୍ୟ ରହିପାରୁଛି। ଏଥିସହ ସ୍ୱଚ୍ଛତା ପରଖିବା ପାଇଁ ବିଏମ୍‌ସି ପକ୍ଷରୁ ୧୦୭ ଜଣ ସ୍ୱଚ୍ଛ ସାଥୀ ଓ ୨୮ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ଏତେ ସବୁ ବ୍ୟବସ୍ଥା ଥାଇ ମଧ୍ୟ ପ୍ରତି ସାହିରୁ ଠିକ୍ ଭାବେ ଆବର୍ଜନା ସଂଗ୍ରହ ହୋଇପାରୁ ନାହିଁ। ଏହାର ମୂଳ କାରଣ ହେଉଛି କମ୍ ସଂଖ୍ୟକ ଗାଡ଼ି।

ସାନିଟେଶନ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ସହରର ଆବର୍ଜନା ସଂଗ୍ରହ ଲାଗି ଅଧିକ ଗାଡି ଆବଶ୍ୟକ। କିନ୍ତୁ ବ୍ୟୟ କାରଣରୁ ଗାଡ଼ି ସଂଖ୍ୟା ବୃଦ୍ଧି କରିବା ସମ୍ଭବ ହୋଇପାରୁ ନାହିଁ। ଏ ନେଇ ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କ ସହ ଯୋଗାଯୋଗ କରିବାରୁ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଆବର୍ଜନା ସଂଗ୍ରହ ଭ୍ୟାନ।

# ଚୋରି ମାମଲାରେ ଜେଲରେ ମହିଳା

## ଦିନିକିଆ ରିମାଣ୍ଡ ମଞ୍ଜୁର କଲେ ଏସ୍‌ଡିଜେଏମ୍

ବ୍ରହ୍ମପୁର ଅଫିସ,୮।୨

ସୁନା ଅଳଙ୍କାର ଚୋରି ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ରବିବାର ଜଣେ ମହିଳା ସନ୍ଧ୍ୟାରଣୀ ବାଡ଼ତ୍ୟା(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଜେଲରେ ଥିବା ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ଏସ୍‌ଡିଜେଏମ୍ କୋର୍ଟରେ ସୋମବାର ଅବେଦନ କରିଥିଲ। ବୁଧବାର ଏସ୍‌ଡିଜେଏମ୍ ପ୍ରଜ୍ଞାପରମିତା ପ୍ରତିହାରୀ ଉକ୍ତ ଆବେଦନର ଶୁଣାଣି କରି ଅଭିଯୁକ୍ତଙ୍କୁ ଗୁରୁବାର ଦିନିକିଆ ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ଦେଇଛନ୍ତି।

ଘଟଣାରୁ ପ୍ରକାଶ, ରୀତା ପାଢ଼ୀ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଭବାନୀ ନଗର ୨ୟ ଲାଇନରେ ରହୁଛନ୍ତି। ରୀତାଙ୍କ ଘରକୁ ଗତ ୩୧ ତାରିଖରେ କୌଣସି ଏକ କାମରେ ସନ୍ଧ୍ୟାରଣୀ ବାଡ଼ତ୍ୟା ଆସିଥିଲେ। ରାତ୍ର ହୋଇଯିବାରୁ ସନ୍ଧ୍ୟାରାଣୀ, ରୀତାଙ୍କ ଘରେ ରାତିରେ ରହିବାକୁ ପଡିଥିଲା। ଏହାର ସୁଯୋଗ ନେଇ ରୀତାଙ୍କ ଆଲମାରିରେ ଥିବା ୨ଟି ସୁନା ମୁଦି, ଚେନ୍, ଲକେଟ୍, ଛୋଟ ପିଲାଙ୍କ ଏକ ମୁଦି, ହଳେ କାନଫୁଲ ଓ ହଳେ ରୁପା ପାଉଁଜି ସନ୍ଧ୍ୟାରଣୀ ଚୋରିକରି ନେଇଯାଇଥିଲେ। ଆଲମୀରାରେ ଥିବା ସୁନା ଗହଣା ଗାୟବ ଥିବା ଜାଣିବା ପରେ ରିତା ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ସନ୍ଧ୍ୟାରଣୀଙ୍କୁ ମାମଲା ନମ୍ବର ୬୩/୨୩ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଏସ୍‌ପିଙ୍କ ଅପରାଧ ସମୀକ୍ଷା

## ପୁରୁଣା ମାମଲା ଫଇସଲା, ନିଶାସକ୍ତଙ୍କୁ ଧରପଗଡ଼ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୮।୨

ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍‌ଙ୍କ ଅଧ୍ୟକ୍ଷତାରେ ବୁଧବାର ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ବହୁବର୍ଷ ଧରି ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ଫାଇସଲା କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଥାନାରେ ଗଡୁଥିବା ଚିଟଫଣ୍ଡ ମାମଲା ଗୁଡିକ ଫଇସଲା କରି ସମାଧାନ କରିବାକୁ ସମ୍ପୃକ୍ତ ଥାନାଧିକାରୀ ମାନଙ୍କୁ ସେ କହିଛନ୍ତି। ଜାନୁଆରୀରେ ନିଶାସକ୍ତଙ୍କୁ ଧରପଗଡ଼, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର କରୁଥିବା ଚାଳକଙ୍କ ବିରୋଧରେ ଏହି ପୋଲିସ ଜିଲାରେ ୨୪୩ ମାମଲା ରୁଜୁ ହୋଇଛି। ଆଗକୁ ନିଶାସକ୍ତଙ୍କୁ ଧରପଗଡ଼ ଓ ଏ ସମ୍ପର୍କିତ ମାମଲା ବୃଦ୍ଧି କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅପରାଧୀ ମାନଙ୍କୁ ଗିରଫ କରିବାକୁ ଅଧିକାରୀମାନଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଦିନକୁ ଦିନ ସାଇବର ଅପରାଧ ବଢୁଥିବାରୁ ସେମାନଙ୍କୁ କିଭଳି ଟ୍ରାକ୍ କରାଯାଇପାରିବ ସେ ଦିଗରେ ଅଧିକରୁ ଅଧିକ ଦୃଷ୍ଟି ଦେବାକୁ ସେ ପୋଲିସ ଅଧିକାରୀମାନଙ୍କୁ କହିଥିଲେ। ସେହିଭଳି ଲୋକମାନଙ୍କୁ ଏଦିଗରେ କିପରି ସଚେତନ କରାଯାଇପାରିବ ସେନେଇ ମଧ୍ୟ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଓ ଜିଲାର ଥାନାଧିକାରୀମାନେ ଉପସ୍ଥିତ ଥିଲେ।

# ଖାଦ୍ୟ ବ୍ୟବସାୟୀଙ୍କୁ ୨୭ହଜାର ଜରିମାନା

ବ୍ରହ୍ମପୁର ଅଫିସ,୮।୨

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସହରର ବିଭିନ୍ନ ହୋଟେଲ ଓ ଫାଷ୍ଟ ଫୁଡ ଦୋକାନରେ ଚଢାଉ କରାଯାଇ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବୁଧବାର ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଚଢାଉରେ କମିଶନର ଜେ. ସୋନାଲ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ, ସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ ରଞ୍ଜନ ପଣ୍ଡାଙ୍କ ସମେତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଖାଦ୍ୟ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ସହରର ସିଟି ହାଇସ୍କୁଲ ରୋଡ, ରାମଲିଙ୍ଗେଶ୍ୱର ରାସ୍ତା, ଗାନ୍ଧୀନଗର ରାସ୍ତା, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛକ ଆଦି ସ୍ଥାନରେ ଥିବା ଫାଷ୍ଟ ଫୁଡ ଓ ହୋଟେଲଗୁଡିକରେ ପଲିଥିନ, ଫୁଡ ଓ ଟ୍ରେଡ ଲାଇସେନ୍ସ, ସିଲିଣ୍ଡର ବ୍ୟବହାର, ହାଇଜେନିକ ବ୍ୟବସ୍ଥା ଓ ସ୍ୱଚ୍ଛତା ସମ୍ବନ୍ଧରେ ଯାଞ୍ଚ କରାଯାଇଥିଲା। ଏଭଳି ଭାବେ ୧୪ଟି ଦୋକାନରେ ଯାଞ୍ଚ କରାଯାଇ ସରକାରୀ ଗାଇଡ୍ ଲାଇନକୁ ଅବମାନନା ଅଭିଯୋଗରେ ଜରିମାନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ବଡ ବଡ ରେଷ୍ଟୁରାଣ୍ଟଗୁଡିକରେ ଚଢାଉ କରାଯିବ ବୋଲି ବିଏମ୍‌ସି ସୂତ୍ରରୁ ସୂଚନା ମିଳିଛି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ୫ବର୍ଷ ଜେଲ

## ନାବାଳିକାଙ୍କୁ ବଳାତ୍କାର ମାମଲା

■ପୀଡ଼ିତାଙ୍କୁ ୪ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୮।୨

ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ଜଜ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ପାଟପୁର ଥାନା ଅଞ୍ଚଳର ଜନୈକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମୃତ୍ୟୁଞ୍ଜୟ ଦାସ(୬୦)। ତାଙ୍କୁ ଜଜ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅତିରିକ୍ତ ୨ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ଜଜ ଆଇନ ସେବା ପ୍ରାଧିକରଣ (ଡ଼ିଏଲଏସଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୯ ଡିସେମ୍ବର ୮ରେ ଜନୈକା ନାବାଳିକାଙ୍କୁ ଜଣେ ବ୍ୟକ୍ତି ବଳାତ୍କାର କରିଥିଲେ। ପୀଡ଼ିତା ଏନେଇ ତାଙ୍କ ମା'ଙ୍କୁ କହିଥିଲେ। ତାଙ୍କ ମା' ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୨୬୩/୧୯ ରେ ଏକ ମାମଲା ରୁଜୁ କରିଥିଲା। ପୋଲିସ ମୃତ୍ୟୁଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶୁଭ୍ରଜିତ ସାମନ୍ତରାୟ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ୨୦୧୯ ଡିସେମ୍ବର ୯ ରୁ ୨୦୨୨ ମଇ ୮ ପର୍ଯ୍ୟନ୍ତ ସେ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ମୃତ୍ୟୁଞ୍ଜୟଙ୍କୁ ବୁଧବାର କୋର୍ଟରେ ହାଜର କରାଯାଇଥିଲା।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା

## ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷା

ବ୍ରହ୍ମପୁର ଅଫିସ,୮।୨

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା କରାଯାଇଥିବା ଜେଇଇ ମେନ ପ୍ରଥମ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟ ଜେଇଇ (ମେନ୍) ଅନ୍‌ଲାଇନ୍ ପରୀକ୍ଷା ଜାନୁଆରୀ ୨୪ରୁ ଆରମ୍ଭ ହୋଇ ଚଳିତ ମାସ ୧ ତାରିଖରେ ସରିଥିଲା। ଏହି ପରୀକ୍ଷା ନିମନ୍ତେ ୮ ଲକ୍ଷ ୬୦ ହଜାର ୬୪ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ୮ ଲକ୍ଷ ୨୩ ହଜାର ୯୬୭ ପରୀକ୍ଷା ଦେଇଥିଲେ। ପରୀକ୍ଷା ପାଇଁ ୨୮୭ ସହରରେ ୫୭୪ ପରୀକ୍ଷା କେନ୍ଦ୍ର ହୋଇଥିଲା। ଏହି ପରୀକ୍ଷାରେ ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠନଗର ସର୍ବୋତ୍ତମ ପାରଦର୍ଶିତା ପ୍ରଦର୍ଶନ କରି ପୂର୍ବ ଗୌରବକୁ ବଜାୟ ରଖିଛନ୍ତି। ୪୨ ଛାତ୍ରୀଛାତ୍ର ୯୦%ରୁ ଊର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖିଛନ୍ତି। ସେମାନେ ହେଲେ ସୌମିକ ସାହୁ ୯୯.୮୭%, ଓମ୍ ଶ୍ୱସ୍ତିକ ପଣ୍ଡା ୯୯.୬୧%, ଯଜ୍ଞସାଇ ସାହୁ ୯୯.୫୫%, ନୀହାର ରଞ୍ଜନ ଦାଶ ୯୮.୬୫%, ଜନ୍ମେଜୟ ସାହୁ ୯୮.୪୯%, ଆଦର୍ଶ ନାୟକ ୯୮.୪୭%, ଶୁଭଙ୍କର ଚୌଧୁରୀ ୯୮.୪୦%, ଆଶୁତୋଷ ପଣ୍ଡା ୯୭.୯୯%, ବି.ବିଶ୍ୱଜିତ୍ ପାତ୍ର ୯୭.୭୧%, ଉନ୍ମେଷ ଗୌତିମା ବେହେରା ୯୭.୫୮%, ସଂଚିତା ପ୍ରିୟଦର୍ଶନୀ ୯୭.୫୮%, ଏସ୍. ଅରସିତ ୯୭.୩୫%, ଦେବେନ କୁମାର ସାହୁ ୯୭.୦୩%, ଗାୟତ୍ରୀ ପାଢୀ ୯୬.୯୮%, ଶ୍ରେଷ୍ଠାଳୀ ବିଶ୍ୱାଳ ୯୬.୫୧%, ଓମ୍ ପ୍ରସାଦ ସାହୁ ୯୬.୪୦%, ସୁମନ ନାୟକ ୯୬.୨୯%, ଶୁଭାଶିଷ ପ୍ରଧାନ ୯୬.୦୦%, ରିତିକା ପାଢ଼ୀ ୯୫.୬୦%, ହୃଷୀକେଶ କର ୯୫.୫୯%, ପି. ସାଇ କିଷାନ ୯୫.୧୧%, ଭେଦାନ୍ତ ନିଗମ ସାହୁ ୯୪.୯୬%, ଆରୁଲାଲ ସେନାପତି ୯୪.୯୨%, ତପନ କୁମାର ପ୍ରଧାନ ୯୪.୭୪%, ସନ୍ତୋଷ ସାମଲ ୯୪.୬୯%, ଅଭିଶେକ ସାହୁ ୯୪.୬୩%, ସାଇସୁମନ ଦାଶ ୯୩.୮୨%, ତପନ କୁମାର ମହାନ୍ତ ୯୩.୫୫%, ସି.ଗଣେଶ୍ୱର ରାଓ ୯୩.୫୫%, ଆଶିଷ କୁମାର ମିଶ୍ର ୯୩.୫୦%, ସ୍ୱସ୍ତିକ ସୁମନ ପାଢୀ ୯୩.୨୨%, ଜଗଦୀଶ ତନୟ ଚୌଧୁରୀ ୯୩.୨୨%, ପ୍ରୀତିପ୍ରଜ୍ଞା ପଣ୍ଡା ୯୩.୧୮%, ଆଦିତ୍ୟ କୁମାର ପ୍ରଧାନ ୯୩.୦୧%, ନିଖିଳ କୁମାର ଦଳାଇ ୯୨.୬୧%, ଆଦିତ୍ୟ ପଣ୍ଡା ୯୨.୦୭%, କେ. ବିକ୍ରମ ୯୨.୦୭%, ବିନୟ କୁମାର ସାହୁ ୯୧.୩୮%, ଆଦିତ୍ୟ ପ୍ରସାଦିନୀ ପ୍ରଧାନ ୯୧.୩୩%, ପୂଜାରାଣି ରାଉତ ୯୦.୭୮%, ବନ୍ଦନା ତ୍ରିପାଠୀ ୯୦.୨୮%, ଶ୍ରେୟା ମହାପାତ୍ର ୯୦.୦୯% ରଖି ଭାରତର ସର୍ବୋତ୍କୃଷ୍ଟ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର କୋଚିଂ ଡିଭିଜନର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି। ପ୍ରାଧ୍ୟାପକ ଗଙ୍ଗାଧର ପରିଡ଼ା, ଆଲୋକ ବଳ, ଅନିଲ କୁମାର ବିଶ୍ୱାଳ, ସରୋଜ କୁମାର, ନାଗେସ ବାବୁ, ସୁନିଲ୍ କୁମାର, କଲ୍ୟାଣ ଚକ୍ରବର୍ତ୍ତୀ, କେ.ରଜନୀକାନ୍ତ, ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଣାମାରାଜୁ ଗୋଲାପଲୀ, ପ୍ରଶାନ୍ତ ସାହୁ, ସନ୍ତୋଷ କୁମାର ପଣ୍ଡା, ରାଜେଶ ଜୟସ୍ୱାଲ, ପ୍ରତାପ କୁମାର ପାତ୍ର, ଜି. ସୁରେଶ ଓ ରମେଶ କୁମାରଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ସଫଳତା ପ୍ରାପ୍ତ ହୋଇଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ଉପସଭାପତି ରବୀନ୍ଦ୍ରନାଥ ଜେନା, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟା ମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା, ଅଧ୍ୟକ୍ଷ ଏସ୍.ମୋହନ ରାଓ, ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଏବଂ କୋଚିଂ ଡିଭିଜନର ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି।




ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ।

